ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ନଭେମ୍ବର ୧୨/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Friday, November 12/2021 | ★★★

୧୭ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ତାଞ୍ଜାନିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସଞ୍ଜୟ**

ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ତାଞ୍ଜାନିଆର ପ୍ରଧାନମନ୍ତ୍ରୀ କାଶିମ ମାଜାଲିୱାଙ୍କୁ ଭେଟିଛନ୍ତି। ଏହାର କିଛି ଫଟୋ ସେ ଇନଷ୍ଟାଗ୍ରାମରେ ଅପଲୋଡ କରିଛନ୍ତି।

୦୭

୦୮

**ପୁରସ୍କାର ପାଇଁ ପ୍ରମୋଦଙ୍କ ନାମ ସୁପାରିସ**

ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ଓଡ଼ିଶାର ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି।





କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ଜାତୀୟ ଯୋଗାସନ ଚାମ୍ପିୟନଶିପ୍‌ରେ ଜଣେ ପ୍ରତିଯୋଗୀ ଯୋଗ ପ୍ରଦର୍ଶନ କରୁଛନ୍ତି।

# ବନ୍ଦ ହେବ ଆତ୍ମା

## କେନ୍ଦ୍ର ଅନୁଦାନ ରୋକିବାକୁ ଷଡ଼ଯନ୍ତ୍ର

### ରାଜ୍ୟ ହରାଇବ ୧୦୦ କୋଟି



ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଜିଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି(ଡିଆରଡିଏ) ବନ୍ଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ଏବେ କୃଷି ବିଭାଗ ଅଧୀନରେ ସମସ୍ତ ଜିଲାରେ କାର୍ଯ୍ୟକାରୀ ହେଉଥିବା କୃଷି ବୈଷୟିକ ପରିଚାଳନା ଏଜେନ୍ସି(ଆତ୍ମା)କୁ ଅନୁଦାନ ଦେବା ବନ୍ଦ ହେବ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ଚଳିତ ଆର୍ଥିକ ବର୍ଷ (୨୦୨୧-୨୨)ରେ ଆତ୍ମା ଯୋଜନାରେ କ୍ଷେତ୍ରସ୍ତରରେ କର୍ମଚାରୀ ନିୟୋଜିତ ନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୨୦୨୧-୨୨ରୁ ୨୦୨୫ ପର୍ଯ୍ୟନ୍ତ ସବ୍‌ମିଶନ ଅନ୍ ଏଗ୍ରିକଲଚର ଏକ୍ସଟେନଶନ(ଏସ୍ଏମ୍ଏଇ) ପାଇଁ ଅନୁଦାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଆତ୍ମାକୁ ଅନୁଦାନ ଦେବା ସମ୍ଭବ ହେବ ନାହିଁ। ଏହି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ସହ ଆଉ କୌଣସି କର୍ମଚାରୀ ନିୟୋଜିତ ନ କରିବାକୁ କୁହାଯାଇଛି।

କୃଷି ଓ କୃଷକମାନଙ୍କର ବିକାଶ କରିବା ପାଇଁ ୨୦୦୫-୦୬ରୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଧୀନରେ ସମସ୍ତ ଜିଲା ଓ ବ୍ଲକସ୍ତରରେ ଆତ୍ମା କାର୍ଯ୍ୟକାରୀ ହେଉଛି। ଏହି ସ୍କିମ୍ କୃଷି କ୍ଷେତ୍ର ପାଇଁ ନୂଆ ଜ୍ଞାନକୌଶଳ ସମ୍ପର୍କରେ ବୈଷୟିକ ଜ୍ଞାନ ଦେବା ସହ କୃଷକମାନଙ୍କୁ ଆଧୁନିକ କୃଷି ପଦ୍ଧତି ସମ୍ପର୍କରେ ଅବଗତ କରିବା ଏବଂ ତାଲିମ ଦେବା ଆଦି କାର୍ଯ୍ୟକାରୀ କରାଯାଉଛି। ଏଥିରେ କୃଷକ ଗୋଷ୍ଠୀ, କୃଷି କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସାମିଲ ଅଛନ୍ତି। ୨୦୦୫-୦୬ରେ ଆତ୍ମା ପାଇଲଟ ପ୍ରକଳ୍ପ ଭାବେ ଓଡ଼ିଶା ସମେତ ୭ଟି ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲା। ଏହାର ଗୁରୁତ୍ୱକୁ ଉପଲବ୍ଧି କରି କୃଷି ମନ୍ତ୍ରଣାଳୟ ଏହାକୁ ୨୮ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳର ୬୧୪ ଜିଲାରେ କାର୍ଯ୍ୟକାରୀ କରାଯାଉଛି। ଏହା ଏକ କେନ୍ଦ୍ର ପ୍ରବର୍ତ୍ତିତ କାର୍ଯ୍ୟକ୍ରମ । ଏଥିରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଅନୁଦାନ ଦେଉଥିବା ବେଳେ ରାଜ୍ୟ ସରକାର ୧୦ ପ୍ରତିଶତ ଅନୁଦାନ ଦେଉଥିଲେ। ତେବେ ୨୦୧୪ରେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଏହି ଯୋଜନାରେ ମିଳୁଥିବା ଅନୁଦାନ ପରିମାଣକୁ ୬୦:୪୦କୁ ଖସାଇ ଦେଇଥିଲେ। ଏବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରିଛନ୍ତି। ଫଳରେ ଏଥିଯୋଗୁ କୃଷି କ୍ଷେତ୍ର ପାଇଁ ରାଜ୍ୟକୁ ମିଳୁଥିବା ପ୍ରାୟ ୧୦୦ କୋଟି ଟଙ୍କା ହରାଇବାକୁ ପଡ଼ିବ। ସୂଚନାଯୋଗ୍ୟ, କେନ୍ଦ୍ରର ଏନ୍‌ଡିଏ ସରକାର ଗୋଟିଏ ପରେ ଗୋଟିଏ କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ଉଚ୍ଛେଦ କରି ☞ପୃଷ୍ଠା-୪

ସ୍ୱର୍ଣ୍ଣ ଋଣ ବନ୍ଧକ ଏବେ ଆପଣଙ୍କ ଦ୍ୱାର ନିକଟରେ
ମାସକୁ 73 ପଇସା
*8.8% ବାର୍ଷିକ
*T&C Apply
MANAPPURAM
ASSET FINANCE LIMITED
TOLL FREE : 18005729787
PH : 9178868951, 7904435811

## ମେ ସୁଦ୍ଧା ୫-ଜି ସ୍ପେକ୍ଟ୍ରମ ନିଲାମ

ନୂଆଦିଲ୍ଲୀ,୧୧।୧୧

ବହୁ ପ୍ରତୀକ୍ଷିତ ୫-ଜି ସ୍ପେକ୍ଟ୍ରମ ନିଲାମ ୨୦୨୨ ଏପ୍ରିଲରୁ ମେ ମାସ ମଧ୍ୟରେ ହୋଇପାରେ। ଗୁରୁବାର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଠାରେ ଅନୁଷ୍ଠିତ ଟାଇମ୍ସ ନାଓ ସମିଟ୍ ୨୦୨୧ ଅବସରରେ ସେ କହିଛନ୍ତି, ନିଲାମ ପ୍ରକ୍ରିୟା ସମ୍ପାଦନ କରିବା ଲାଗି ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ବର୍ତ୍ତମାନ ବିଭିନ୍ନ ଦିଗ ଉପରେ ବିଚାର କରୁଛି। ୨୦୨୨ ଫେବୃୟାରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହାଶକ୍ତି ସଂଘର୍ଷ**

# ବିବାଦରେ ଖୁର୍ସିଦଙ୍କ ପୁସ୍ତକ

ନୂଆଦିଲ୍ଲୀ,୧୧।୧୧

ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦଙ୍କ ଅଯୋଧ୍ୟା ଉପରେ ସଦ୍ୟ ଉନ୍ମୋଚିତ ପୁସ୍ତକକୁ ନେଇ ବିବାଦ ଘନେଇବାରେ ଲାଗିଛି। ଉକ୍ତ ପୁସ୍ତକରେ ୬୮ ବର୍ଷୀୟ ଖୁର୍ସିଦ ହିନ୍ଦୁତ୍ୱକୁ ମୌଳବାଦୀ ଇସ୍‌ଲାମୀୟ ଆତଙ୍କବାଦୀ ଗୋଷ୍ଠୀ ସହ ତୁଳନା କରିଥିବା ଦର୍ଶାଇ ଦିଲ୍ଲୀର ଜଣେ ଓକିଲ ତାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ମୁସଲିମ୍ ଭୋଟ ହାତେଇବା ପାଇଁ ସାମ୍ପ୍ରଦାୟିକ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି। ଏଭଳି ସମୟରେ ଖୁର୍ସିଦଙ୍କ ପୁସ୍ତକରେ ହିନ୍ଦୁତ୍ୱ ମନ୍ତବ୍ୟ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ହିନ୍ଦୁମାନଙ୍କ ପ୍ରତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମ୍ମାନ ଥିଲେ ସେ ଖୁର୍ସିଦଙ୍କୁ କଂଗ୍ରେସରୁ ବହିଷ୍କାର କରିବା ସହ ତାଙ୍କ ହିନ୍ଦୁତ୍ୱ ମନ୍ତବ୍ୟକୁ ନେଇ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦଙ୍କ ଦ୍ୱାରା ରଚିତ ନୂଆ ବହି 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ' ମଙ୍ଗଳବାର ଉନ୍ମୋଚିତ ହୋଇଛି। ଏହାର ଏକ ପାରାରେ ଖୁର୍ସିଦ ଲେଖିଛନ୍ତି, ସାଧୁସନ୍ଥଙ୍କୁ ଜଣାଥିବା ସନାତନ ଧର୍ମ ଓ ଶାସ୍ତ୍ରୀୟ ହିନ୍ଦୁତ୍ୱକୁ ହିନ୍ଦୁତ୍ୱର ଏକ ଶକ୍ତିଶାଳୀ ସଂସ୍କରଣ ଏଡ଼ାଇଦେଇଛି। କିଛିବର୍ଷ ଧରି ହିନ୍ଦୁତ୍ୱ ବିଚାରଧାରାକୁ ନେଇ ଚାଲିଥିବା ରାଜନୀତି ଆଇଏସ୍ ଏବଂ ବୋକୋ ହାରାମ ଭଳି ଇସ୍‌ଲିମ୍ ଜେହାଦୀ ସଙ୍ଗଠନଗୁଡ଼ିକ ସହ ତୁଳନୀୟ ବୋଲି ଖୁର୍ସିଦ ଏଥିରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଟୁଇଟ୍ କରିଛନ୍ତି, ☞ପୃଷ୍ଠା-୪




ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ଓ ତାଙ୍କ ପୁସ୍ତକ।

- ହିନ୍ଦୁତ୍ୱକୁ ଆଇଏସ୍, ବୋକୋ ହାରାମ୍ ସହ ତୁଳନା କଲେ କଂଗ୍ରେସ ନେତା
- ସୋନିଆଙ୍କ ସ୍ପଷ୍ଟୀକରଣ ସହ ଖୁର୍ସିଦଙ୍କୁ ବହିଷ୍କାର ଦାବିକଲା ଭାଜପା

**ନୂଆ ଡିଜିପି ନିଯୁକ୍ତିକୁ ନେଇ କଳ୍ପନାଜଳ୍ପନା**

# ଆଗରେ ପ୍ରଦୀପ କପୁର

କଟକ ଅଫିସ, ୧୧।୧୧

ବର୍ତ୍ତମାନର ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଆସନ୍ତା ଡିସେମ୍ବର ୩୧ରେ ଅବସର ଗ୍ରହଣ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଅତି କମ୍‌ରେ ୨ବର୍ଷ ହେବା ଆବଶ୍ୟକ। ଯଦିଓ ସ୍ୱାଭାବିକ ଭାବେ ଅଭୟ ଗତ ଜୁନ୍‌ରେ ଅବସର ଗ୍ରହଣ କରିବା କଥା, ସୁପ୍ରିମକୋର୍ଟ ନିର୍ଦ୍ଧାରିତ କରିଥିବା ବ୍ୟବସ୍ଥା ଅନୁସାରେ ତାଙ୍କ କାର୍ଯ୍ୟକାଳକୁ ୬ମାସ ବୃଦ୍ଧି କରାଯାଇଛି। ଏହାଛଡ଼ା ସେ ପଦ ନିବୃତ୍ତ ହେବାର ୩ମାସ ଆଗରୁ ପରବର୍ତ୍ତୀ ଆରକ୍ଷୀ ମହାନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏହି କ୍ରମରେ ୩୦ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ସମସ୍ତ ଆଇପିଏସ୍ ଅଫିସରଙ୍କ ଏକ ତାଲିକା କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଛନ୍ତି। କେନ୍ଦ୍ର ସରକାର ଏହି ତାଲିକା କେନ୍ଦ୍ରୀୟ ଲୋକ ସେବା ଆୟୋଗଙ୍କ ନିକଟକୁ ପଠାଇବେ। ଏହି ତାଲିକାରୁ ବୟୋଜ୍ୟେଷ୍ଠତା ଭିତ୍ତିରେ ପ୍ରଥମ ତିନି ଜଣଙ୍କ ନାମ କେନ୍ଦ୍ରୀୟ ଲୋକ ସେବା ଆୟୋଗ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। ଅର୍ଥାତ ତାଲିକାରେ ବରିଷ୍ଠତା ଭିତ୍ତିରେ ଯେଉଁ ୩ଜଣଙ୍କ ନାମ ଆସିବ, ସେମାନେ ହେଲେ ୧୯୮୬ ବ୍ୟାଚର ପ୍ରଦୀପ କପୁର ଓ ବିଜୟ ଶର୍ମା ଏବଂ ୧୯୮୭ ବ୍ୟାଚର ସୁନୀଲ ବନ୍‌ଶଲ। ଯଦି କୌଣସି କାରଣରୁ ବିଜୟ ଶର୍ମାଙ୍କ ନାମ ବାଦ୍ ପଡ଼େ, ତେବେ ତୃତୀୟ ନାମ ଭାବରେ ୧୯୮୮ ବ୍ୟାଚର ମନୋଜ ଛାବ୍ରାଙ୍କ ନାମ ଅନ୍ତର୍ଭୁକ୍ତ ହେବ। ତେଣୁ ଅନ୍ୟମାନଙ୍କ ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ ହେବାର କୌଣସି ସମ୍ଭାବନା ନାହିଁ। ଏହି ଦୃଷ୍ଟିକୋଣରୁ କଳ୍ପନାଜଳ୍ପନା କରି ଅନେକ ଅଫିସରଙ୍କ ନାମ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲେ ମଧ୍ୟ ତାଲିକା ଉପର ୩ଜଣଙ୍କ ମଧ୍ୟରେ ସୀମିତ ରହିବ। ପ୍ରଦୀପ କପୁର ଆଗରୁ କଟକ, ବାଲେଶ୍ୱର ଓ ପୁରୀ ଜିଲାର ଆରକ୍ଷୀ ଅଧୀକ୍ଷକ, ରାଉରକେଲାର ଡିଆଇଜି ଭାବେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ରାଜ୍ୟ ଗୋଇନ୍ଦା ବିଭାଗରେ ଅନେକ ଦିନ କାର୍ଯ୍ୟରତ ଥିଲେ। ତେଣୁ ଉଭୟ ବରିଷ୍ଠତା ଓ ଅନୁଭୂତି ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ସମ୍ଭାଳିବାକୁ ରାଜ୍ୟ ସରକାର ତାଙ୍କୁ ହିଁ ମନୋନୀତ କରିବା ସମ୍ଭାବନା ଥିବା ସୂଚନା ମିଳୁଛି।



ପ୍ରଦୀପ କପୁର

DSPL - 240




OIPR-37001/13/0015/2122

## ୱାରେଣ୍ଟ ବଳରେ ୫ ଗିରଫ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ପୋଲିସ ୱାରେଣ୍ଟ ବଳରେ ଗୁରୁବାର ୫ ଜଣ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମର କୃଷ୍ଣ ଚନ୍ଦ୍ର ଜେନା, ସଞ୍ଜୟ କୁମାର ଦାସ, ଦଦରାଖୋଲ ଗ୍ରାମର ମନୁ ନାୟକ, କରଚୁଲି ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ଓ ପଥରାପଲ୍ଲୀ ଗ୍ରାମର ବୁଲୁ ନାୟକ। ଏମାନେ ବିଭିନ୍ନ ମାମଲାରେ ଜଡିତ ହୋଇ ଦୀର୍ଘ ଦିନ ହେଲା ଫେରାର୍ ଥିଲେ।



# ସଡ଼କ ସୁରକ୍ଷା ସକାଶେ ରକ୍ଷକ ଶୁଭାରମ୍ଭ

## ମାଷ୍ଟର ଟ୍ରେନରଙ୍କର ଦୁଇଦିନିଆ ପ୍ରଶିକ୍ଷଣ

ଛତ୍ରପୁର,୧୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ସଡ଼କ ସୁରକ୍ଷା ସକାଶେ ରକ୍ଷକ କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର୍‌ମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ ତାଲିମ ପାଇବେ । ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ ଜିଲାରେ ୩୦ ସପ୍ତାହ ପାଇଁ ତାଲିମ କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ସଡ଼କ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ। ଅନେକ ଜୀବନ ବଞ୍ଚାଯାଇ ପାରିବ। ଗୁରୁବାର ଛତ୍ରପୁର ବିଜ୍ଞାନ କଲେଜ ପରିସରରେ ଜିଲା ପରିବହନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ତାଲିମ ନେଲେ ହିଁ ଜଣେ ବ୍ୟକ୍ତି ପୋଲିସକୁ ଅପେକ୍ଷା ନ କରି ଆହତଙ୍କୁ ସାହାଯ୍ୟ କରିପାରିବ। ଅଣ ତାଲିମ ପ୍ରାପ୍ତବ୍ୟକ୍ତି ଆହତଙ୍କ ଉପଯୁକ୍ତ ଯତ୍ନ ନେବା ଅସମ୍ଭବ। ତେଣୁ ସଡ଼କ ଦୁର୍ଘଟଣାକୁ ରୋକିବା ସକାଶେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା। ଜିଲାର ସମସ୍ତ ବିଦ୍ୟାଳୟରେ ରେଡକ୍ରସ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ ହୋଇପଡିଛି। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଠାକୁର ପ୍ରସାଦ ପାତ୍ର ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ପରିବହନ ବିଭାଗର ଯୁଗ୍ମ ଆୟୁକ୍ତ (ବୈଷୟିକ) ଧନଞ୍ଜୟ ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ଦୁର୍ଘଟଣାରେ ଆହତଙ୍କ ସୁରକ୍ଷା ଓ ଜୀବନ ବଞ୍ଚାଇବା ଦିଗରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବା ଉଚିତ ତାହା ପ୍ରଶିକ୍ଷଣ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରଥିବା ବେଳେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀ ରବିନାରାୟଣ ବେହେରା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ, ସଭ୍ୟସଭ୍ୟା,ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ରେଡକ୍ରସ ବିଭାଗର କର୍ମକର୍ତ୍ତାଗଣଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

## ସଂକ୍ଷେପରେ

### ୫ ଫେରାର ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୧୧।୧୧(ଡି.ଏନ.ଏ.)ଖଲ୍ଲିକୋଟ ଥାନାରେ ରୁଜୁ ହୋଇଥିବା ଭିନ୍ନ ଭିନ୍ନ କେସ୍ ଆଧାରରେ ଗୁରୁବାର ପୋଲିସ ୫ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଞ୍ଜାମ ଜିଲାରେ ୱାରେଣ୍ଟି ଧରପଗଡ଼ ଅଭିଯାନ ଚାଲିଥିବା ବେଳେ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନେତୃତ୍ୱରେ ଗତ ଶୁକ୍ରବାର, ଶନିବାର, ସୋମବାର, ମଙ୍ଗଳବାର ଓ ବୁଧବାର ୨୭ ଫେରାର ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ କେସ୍‌ରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ମଧ ଭିନ୍ନ ଭିନ୍ନ କେସ୍‌ରେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ୱାରେଣ୍ଟିଙ୍କ ମଧ୍ୟରେ ଜଣେ ବୃଦ୍ଧା ଗିରଫ ହୋଇ ଜେଲ ଯାଇଥିବା ଜଣାପଡ଼ିଛି।

### ୧୬ରେ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟନ

ଛତ୍ରପୁର,୧୧।୧୧(ଡି.ଏନ.ଏ.):ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ହାଇସ୍କୁଲର ରୂପାନ୍ତରୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଏହାର ଉଦ୍‌ଘାଟନ କରିବେ। ଏହା ପୂର୍ବରୁ ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ ଏହି ସ୍କୁଲ ପରିଦର୍ଶନ କରିଥିଲେ। ସରପଞ୍ଚ ବାବୁଲା କୁମାର ବେହେରା, ସ୍କୁଲ କମିଟି ସଭାପତି ଡି, କ୍ରିଷ୍ଣା, ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏ.ଏମ ରହିମଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଉକ୍ତ ସ୍କୁଲର ପୁରାତନ ଛାତ୍ରମାନେ ସ୍କୁଲର ଉନ୍ନତି ନିମନ୍ତେ ସାହାଯ୍ୟ କରିବା ଲାଗି ସେମାନଙ୍କ ଠିକ ତାଲିକା କରିବାକୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ।

### ହନୁମାନ ମନ୍ଦିର ଲାଗି ଭୂମିପୂଜା

କାଶୀନଗର,୧୧।୧୧(ଡି.ଏନ.ଏ.)
କାଶୀନଗର ବ୍ଲକ ସିଙ୍ଗିପୁର ଗ୍ରାମରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ହନୁମାନ ମନ୍ଦିର ପାଇଁ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଭୂମିପୂଜା କରିଥିଲେ। ବିଧାୟକ ହାତପାଣ୍ଠିରୁ ୨ ଲକ୍ଷ ଟଙ୍କା ମନ୍ଦିର ନିର୍ମାଣ ପାଇଁ ମଞ୍ଜୁରୀ କରିଛନ୍ତି। ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀ, ଡି.ରାଜେଶ କୁମାର ଓ ଅନ୍ୟାନ୍ୟ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଭୋଟର ପଞ୍ଜୀକରଣ ସଚେତନତା

ଚିକିଟି,୧୧।୧୧(ଡି.ଏନ.ଏ.):ଚିକିଟିଗଡ଼ ସ୍ଥିତ ମହାବିଦ୍ୟାଳୟରେ ଗୁରୁବାର ସ୍ୱତନ୍ତ୍ର ଭୋଟର ପଞ୍ଜୀକରଣ ଓ ସଂଶୋଧନ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ଅଧକ୍ଷତା କରିଥିଲେ। ସଚେତତା ରାଲିକୁ ଚିକିଟି ବିଡିଓ ଫାଲଗୁନି ମାଝୀ ଉଦଘାଟନ କରିବା ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟକ୍ରମ ରାଜନୈତିକ ଅଧିକାର ସାବ୍ୟସ୍ତ ଅଖଣ୍ଡ ଭାରତ ପ୍ରତିଷ୍ଠାର ବାସ୍ତବ ରୂପାୟନ ବୋଲି କହିଥିଲେ। ଚିକିଟି କଲେଜର ପ୍ରାୟ ଏଗାର ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଚିକିଟି ବିଜ୍ଞାପିତ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ ଓ ସ୍ଥାନୀୟ ତହସିଲଦାର ବିଶ୍ୱ ରଞ୍ଜନ କହଁର ଉପସ୍ଥିତ ରହି ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଦୃଢ଼ ସରକାର ଗଠନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ମତଦାନ ସଂକଳ୍ପ ଶପଥପାଠ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, ରେଡ଼କ୍ରସ ସଂଯୋଜକ, ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗୋଷ୍ଠୀ ସାମଗ୍ରୀ ରପ୍ତାନି ସଚେତନତା କର୍ମଶାଳା

ଫୁଲବାଣୀ ଅଫିସ, ୧୧।୧୧: ସ୍ୱେଚ୍ଛାସେବୀ ସଂସ୍ଥା ସ୍ୱାତୀ ପକ୍ଷରୁ ଶତାଧିକ ଚାଷୀଙ୍କୁ ନେଇ ଆଦିବାସୀ, ହରିଜନ, କୃଷକ ଓ ଉତ୍ପାଦକ ଗୋଷ୍ଠୀ ସାମଗ୍ରୀ ରପ୍ତାନି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ୱାତୀ ଅଧକ୍ଷ ପ୍ରଶାନ୍ତ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଶିତାକାନ୍ତ ମଣ୍ଡଳ ଓ ସୁପ୍ରଭା ମଲ୍ଲିକ ଯୋଗଦେଇ କୃଷିଜାତ ଦ୍ରବ୍ୟ ରପ୍ତାନି ବିଷୟରେ ଆଲୋକପାତ କରଥିଲେ । ସମ୍ମାନିତ ଅତିଥି ଭାବେ ବାଲଗୋପାଳ ବେହେରା, ସିତ ପଟ୍ଟନାୟକ, ଡି.ପି. ପୃଷ୍ଟି ଡ. ସିଦ୍ଧାର୍ଥ କର, ଲିପ୍ସାରାଣି ଦଳବେହେରା, ବନାନୀ ପ୍ରିୟଦର୍ଶନୀ, ରାଜେଶ ଆରେସଓଲ୍ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ସଚେତନ କରିଥିଲେ। ରପ୍ତାନିକାରି ପ୍ରତିନିଧି ସୁରେନ୍ଦ୍ର କୁମାର ମନ୍ତ୍ରୀ ଆଦିବାସୀ ଓ ହରିଜନ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୧୦ ଜଣ ଭଲ ଚାଷୀଙ୍କୁ ସମ୍ମାନିତ କରା ଯାଇଥିଲା ।

## ଗୁମ୍ମାରେ କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି

ପାରଳାଖେମୁଣ୍ଡି, ୧୧।୧୧(ଡି.ଏନ.ଏ.)

ଗୁମ୍ମା ବ୍ଲକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଉଖୁରା ସରପଞ୍ଚ ନିମ୍ନ ଗମାଙ୍ଗଙ୍କ ନେତୃତ୍ୱରେ ବୁଧବାର ଗୁମ୍ମାରେ ହୋଇଥିବା ଏହି ବୈଠକରେ ବ୍ଲକର କେତେଜଣ ସମିତିସଭ୍ୟ, ସରପଞ୍ଚ, ପୂର୍ବତନ ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ୱାର୍ଡ ମେମ୍ବର ଓ ସ୍ଥାନୀୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟତଃ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ନେତା ଚୟନ ସରପଞ୍ଚ, ସମିତି, ଜିଲାପରିଷଦ ଓ ୱାର୍ଡ ମେମ୍ବର ପ୍ରାର୍ଥୀ ଚୟନ ନେଇ ଆଲୋଚନା କରାଯାଇଥିଲା। ଗୁମ୍ମା ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ ବୈଠକରେ ଅନୁପସ୍ଥିତ ଥିଲେ । ଆସନ୍ତା୧୭ ତାରିଖରେ ଆଉ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସୁବନ୍ୟ ଜେନା ଓ ପାଉଲ ପାଣି ବୈଠକ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର

ଜି.ଉଦୟଗିରି,୧୧।୧୧(ଡି.ଏନ.ଏ.)

ସ୍ଥାନୀୟ ସମନ୍ୱିତ ସଭା ଗୃହରେ ସ୍ୱାତୀ ଆନୁକୁଲ୍ୟରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଫୁଲବାଣୀ ରକ୍ତଭଣ୍ଡାର ଡା.ଜୟଦୀପ ଘୋଷ, ସୁଜିତ କୁମାର ସାହୁ, ଦୀନକୃଷ୍ଣ ମହନ୍ତ, ତୁଷାରକାନ୍ତ ପ୍ରଧାନ, ବରୁଣ ବେହେରା ଉପସ୍ଥିତ ରହି ୨୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଟିପିଏସଓଡିଏଲ କନିଷ୍ଠ ଯନ୍ତ୍ରୀ ପବିତ୍ର କୁମାର ସାହୁ ବିଭାଗୀୟ କର୍ମଚାରୀଙ୍କୁ ଉତ୍ସାହ ପୂର୍ବକ ଆଣିଥିବା ବେଳେ ନିଖିଲ କୁମାର ସାହୁ ଯୁବଗୋଷ୍ଠୀଙ୍କୁ ରକ୍ତଦାନ ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇ କିଛି ଯୁବକଙ୍କୁ ରକ୍ତଦାନ କରିବାକୁ ଶିବିରକୁ ପଠାଇଥିଲେ। ପ୍ରଦୀପ କୁମାର ସ୍ୱାଇଁ, ଗିରିଶ ଚନ୍ଦ୍ର ସାମଲ, ରମେଶ ଚନ୍ଦ୍ର ବେହେରା ଶିବିର ପରିଚାଳନା କରିଥିଲେ।

## ୟୁନିୟନ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ରମ୍ଭା,୧୧।୧୧

ରମ୍ଭା ୟୁନିୟନ ବ୍ୟାଙ୍କର ୧୦୩ ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ବ୍ୟବସାୟୀ ଅନିଲ କୁମାର ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରିବଙ୍କୁ ସେବା, ଋଣ ପ୍ରଦାନ କରିବା, ଚାଷୀ, କୃଷକ ଓ ମତ୍ସ୍ୟଜୀବୀମାନଙ୍କ ସୁଖ ଦୁଃଖରେ ଭାଗିଦାର ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଟିଭିଏସ ଜୁପିଟର ଗାଡି ଜୈନିକ ହିତାଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଅନୁମୋଦିତ ହୋଇଥିବା ଜଣାଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଶାଖା ପରିଚାଳକ ଶ୍ରୀକାନ୍ତ ଚୌଧୁରୀ, ଡେପୁଟି ମ୍ୟାନେଜର ଅନନ୍ୟା ଦାସ ଅଧିକାରୀ, ତଟିନୀ ସେନାପତି, ପ୍ରଣାୟୀ ଓକେ, ନୀହାର ପାତ୍ର, ରବୀନ୍ଦ୍ର ବେହେରା ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ୧୦ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ

### କନ୍ଧମାଳ ଜିଲା

ଫୁଲବାଣୀ ଅଫିସ, ୧୧।୧୧

ଶିକ୍ଷାର ମାନ ବୃଦ୍ଧି ପାଇଁ ରାଜ୍ୟ ସରକାର ମୋ ସ୍କୁଲ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୧୦ଟି ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରାଯାଇଛି । କନ୍ଧମାଳ ଜିଲାର ୫-ଟି ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଗୁରୁବାର ୧୦ଟି ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଉକ୍ତ ବିଦ୍ୟାଳୟ ଗୁଡିକ ହେଲା ଫୁଲବାଣୀର ଏଜେଓ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଜୁରିପଡା ବ୍ଲକ ଦୁତିପଡା ଉଚ୍ଚ ବିଦ୍ୟାଳୟ, ବାଲିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ, ଦାରିଙ୍ଗିବାଡି ବ୍ଲକ ସିମନବାଡି ଓ ବୁଡାଗୁଡା ହାଇସ୍କୁଲ, ରାଇକିଆର ବିଜୟ ହାଇସ୍କୁଲ, ଜି.ଉଦୟଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ତୁମୁଡିବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଫିରିଙ୍ଗିଆ ନେଡିପଦର ଉଚ୍ଚ ବିଦ୍ୟାଳୟ । ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲାପାଳ ଡା.ବୃନ୍ଦା ଡି, ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ

### ଭାଜପା ନେତାଙ୍କ ସମେତ ୩ ଗିରଫ


ଗଂଜେଇ ସହ ଗିରଫ ଯୁବକ।

ଫୁଲବାଣୀ ଅଫିସ, ୧୧।୧୧

ଫୁଲବାଣୀ ଅଞ୍ଚଳରେ ଦୁଇଟି ଗାଡିରେ ୧ କୁଇଣ୍ଟାଲ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବେଳେ ଅବକାରୀ ବିଭାଗ ଧରିଛି। ଏଥିରେ ଜଣେ ଯୁବ ଭାଜପା ନେତାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି ।

ଅବକାରୀ ବିଭାଗ ଖବର ପାଇ ଗୁରୁବାର ସକାଳେ ଏଫସିଆଇ ଛକ ପାଖରେ ଏକ କାର(ଓଡି ୦୨ଏଡି-୪୩୩୩)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୭୦ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ କଟକ ଜିଲା ସଦର ଅଞ୍ଚଳ ହରିଅନ୍ତା ଗ୍ରାମର କମଳ କୁମାର ଜେନା, ଫୁଲବାଣୀ ସଦର ଥାନା ଜାମୁଝରି ଗ୍ରାମର ଝାଡେଶ୍ୱର ବେହେରାଙ୍କୁ ଗିରଫ କରାଯାଇଥିଲା । ସେହିପରି ଆଉ ଏକ ଟିମ୍ ବିଶିପଡା ଛକ ପାଖରେ ଫୁଲବାଣୀ ଆଡକୁ ଦ୍ରୁତ ଗତିରେ ଆସୁଥିବା କାର(ଓଡି ୦୨ ଏବି-୦୩୪୮)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୩୦ କେଜି ଗଞ୍ଜେଇ ମିଳିଥିଲା । ଡ୍ରାଇଭର ଜଣକ ଭାଜପା ଦଳର ଆଗଧାଡିର ନେତା ତଥା କର୍ମୀ ରଘୁପତି କହଁର । ଏ ନେଇ ପୃଥକ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଆମ ପୋଲିସ ସମିତି ବୈଠକ

ଗଞ୍ଜାମ,୧୧।୧୧(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ଜି.ସନ୍ତୋଷ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସଆଇ ନାରାୟଣ କହଁର, ସେକେଣ୍ଡ ଅଫିସର ଅଜିତ କୁମାର ପରିଡାଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତିମାନେ ବୈଠକରେ ଉପସ୍ଥିତ ଥିଲେ।

## ଗୋଷ୍ଠାଷ୍ଟମୀରେ ଗୋ-ପୂଜନ


ସଂକୀର୍ତ୍ତନ ଚାଲିଛି।

ପାରଳାଖେମୁଣ୍ଡି,୧୧।୧୧(ଡି.ଏନ.ଏ.)

ଗୋଷ୍ଠାଷ୍ଟମୀ ଉପଲକ୍ଷେ ଗୁରୁବାର ପାରଳାଖେମୁଣ୍ଡିରେ ଗୋ-ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଜଗୁରୁ ସାହିରୁ ଏକ ବିରାଟ ସଂକୀର୍ତ୍ତନ ନଗର ପରିକ୍ରମା କରି ସରସ୍ୱତୀ ଶିଶୁ ମନ୍ଦିର ଠାରେ ପହଞ୍ଚିଥିଲା। ସେଠାରେ ଗୋ-ପୂଜନ କାର୍ଯ୍ୟକ୍ରମ ସହ ଗୋ-ମାହାତ୍ମ୍ୟ ସମ୍ପର୍କରେ ଲୋକଙ୍କୁ ଶିକ୍ଷା ଦିଆଯାଇଥିଲା। ଚିନ୍ମୟ ମିଶନର ମୁଖ୍ୟ ନିଗମାନନ୍ଦ ସରସ୍ୱତୀ ଗୋପୂଜା ତେତିଶ କୋଟି ଦେବତାଙ୍କ ପୂଜା ବୋଲି କହିଥିଲେ। ଗୋ-ସୁରକ୍ଷା, ଗୋ-ସେବା, ଗୋ ବଂଶର ବିକାଶ ଆଦି ଏହି ମହୋତ୍ସବର ଉଦ୍ଦେଶ୍ୟ। ସଂକୀର୍ତ୍ତନରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ନୃସିଂହ ଚରଣ ପଟ୍ଟନାୟକ, ଜଗନ୍ନାଥ ରଥ ଶର୍ମା, ନୃସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ବାହିନୀର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ମାମଲା: ଅଭିଯୁକ୍ତ ଗାଡ଼ି ଚାଳକ ଦୋଷୀ ସାବ୍ୟସ୍ତ

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)

ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଗୁରୁବାର ଏକ ମକଦ୍ଦମାର ଚୁଡାନ୍ତ ଶୁଣାଣି କରିଛନ୍ତି। ମାମଲା ନଂ. ଜି. ଆର - ୧୮୦/୧୪ ର ଶୁଣାଣି କରି ସମସ୍ତ ୫ ସାକ୍ଷ୍ୟଙ୍କ ବୟାନ ଆଧାରରେ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ସୁନ୍ଦରଡ଼ା ଗ୍ରାମର ଗାଡି ଚାଳକ ବୁଲୁ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୫ଶହ ଟଙ୍କା ଜରିମାନା, ଅନାଦେୟ ୭ ଦିନ କାରାଦଣ୍ଡ ପାଇଁ ରାୟ ଶୁଣାଇଥିଲେ। ରାୟ ଶୁଣାଣି ସମୟରେ ଅଭିଯୁକ୍ତ ଜଣକ କୋର୍ଟରେ ଉପସ୍ଥିତ ଥିଲେ। ପରେ କୋର୍ଟଙ୍କ ଆଦେଶ ବଳରେ ଅଭିଯୁକ୍ତ ୫ ଶହ ଟଙ୍କା ଜରିମାନା ଦାଖଲ କରିବା ପରେ ଛାଡ଼ ପାଇଥିଲେ। ୨୦୧୪ ଜୁନ ୨୦ ସକାଳେ ଅଭିଯୁକ୍ତ ବୁଲୁ ଟ୍ରାକ୍ଟର (ନଂ. ଓ ଆର ୦୭ ଜେଡ୍ - ୩୪୮୬) ନେଇ ଯାଉଥିବା ବେଳେ ବି.ନୂଆପଡ଼ା ଗ୍ରାମ ରାସ୍ତା କଡର ଏକ ବିଦ୍ୟୁତ ଖୁଣ୍ଟ କୁ ଧକ୍କା ଦେବାରୁ ଭାଙ୍ଗି ଯାଇଥିଲା। ଏନେଇ ତତ୍କାଳୀନ ନୂଆପଡ଼ା ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ଇଂ. ରାଜେଶ କୁମାର ପାଲ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନା ମାମଲା ନଂ. ୭୪/୧୪ରେ ଅଭିଯୁକ୍ତ ଟ୍ରାକ୍ଟର ଚାଳକ ବୁଲୁଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ନକୁଳ ପ୍ରଧାନ ଏବଂ କ୍ୟାଡ଼ର ଏପିପି ବିପ୍ଲବ କୁମାର ମୁଦୁଲି ମାମଲା ପରିଚାଳନା କରୁଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଭଞ୍ଜନଗର,୧୧।୧୧(ଡି.ଏନ.ଏ.)

ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଉନ୍ମୋଚନ ନିମନ୍ତେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେଉଛି। ଗୁରୁବାର ବିଭିନ୍ନ ବ୍ଲକସ୍ତରରେ ସୁରଭି ଆୟୋଜନ କରାଯାଇଛି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପିଲାଙ୍କୁ ପ୍ରତିଭା ପ୍ରମାଣପତ୍ର ଓ ପୁରସ୍କାର ଦିଆଯାଇଛି। ଏମାନେ ଜିଲାସ୍ତରୀୟ ସୁରଭିରେ ଭାଗ ନେବେ ।

ଭଞ୍ଜନଗର ବ୍ଲକସ୍ତରୀୟ ସୁରଭି ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଇଓ ଏସ .ଧନଞ୍ଜୟ, ଏବିଇଓ ସୂର୍ଯ୍ୟ ନାୟକ,ବିଆର୍‌ସିସି ହୃଷିକେଶ ସ୍ୱାଇଁ, ଅଲଓଷ୍ଟା ରାଜ୍ୟ ସଭାପତି ଜଗବନ୍ଧୁ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

**ଆସିକା:** ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ହୋଇଥିଲା । ବିଇଓ ଭାସ୍କର ଲେଙ୍କା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର ଓ ପ୍ରଧାନଶିକ୍ଷୟିତ୍ରୀ ଜଲି ମହାପାତ୍ର ଯୋଗଦେଇଥିଲେ। ସିଆରସିସି ସରୋଜ ନାୟକ, ଶିବଶଙ୍କର ଜେନା, ଜଗନ୍ନାଥ ଦାସ, ଅମିୟ ସିନ୍ଧୁ ମୁନି, କାଲୁ ଚରଣ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବୁଗୁଡ଼ା:** ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଗୁଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଉଦଘାଟନ କରିଥିଲେ। ଅତିଥି ଭାବେ ଅନ୍ତରପଡା ଶାଙ୍କୁଳାଇ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କୃତ୍ତିବାସ ପଟ୍ଟନାୟକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ବରିହା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ବିଇଓ କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏବିଡ଼ିଓ ନିରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲା ସଂଗୀତା ଗୁଡୁ, ଏବିଇଓ ସୁଷମା ଶବର ପ୍ରମୁଖ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା ଶ୍ରେଷ୍ଠ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ।

**ଶେରଗଡ:** ଶେରଗଡ ବ୍ଲକସ୍ତରୀୟ ସୁରଭି ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣି ଶୈରନ୍ଧ୍ରୀ ଦଳେଇ ଶୁଭାରମ୍ଭ କରିଥିଲେ । ବିଆରସିସି ତଥା ଏବିଇଓ ଦାୟିତ୍ୱରେ ଥିବା ସୌରିଶଙ୍କର ବେହେରାଙ୍କ ସଂଯୋଜନାରେ ସମସ୍ତ ପ୍ରତିଯୋଗୀତା କରାଯାଇଥିଲା।

**ଆର.ଉଦୟଗିରି: ଗଜପତି ଜିଲା** ମୋହନା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଆରସିସି ତଥା ଏବିଇଓ ଯୁଧିଷ୍ଠିର ବେହେରା, ମୁଖ୍ୟବକ୍ତା ଏବିଇଓ ଜୁନା ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ନାରୁଶୁ କଅଁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷକ ଶଙ୍କର ପଣ୍ଡା।

**କାଶୀନଗର:** କାଶୀନଗର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକରୀ ଆଦିକନ୍ଦ ଗମାଙ୍ଗଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ରୂପେ ବାରଣାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶିଲ କୁମାର ପଣ୍ଡା ଯୋଗ ଦେଇଥିଲେ। ୮ମରୁ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

**ଦାରିଙ୍ଗବାଡ଼ି:** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଏବିଇଓ ତଥା ବିଆରସିସି ସୁବାସିନି ଦିଗାଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ରସାନନ୍ଦ କର, ମୁଖ୍ୟ ବକ୍ତା ଭାବେ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ସମ୍ମାନିତ ଅତିଥି ଭାବେ ରାପଡ଼ାବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚାରୁସିଳା ମଲିକ ପ୍ରମୁଖ ଯୋଗ ଦେଇଥିଲେ


ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

